# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**24 July – 2025**

*************************************************************

## ସମବାୟ ନୀତି

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀର ଅଟଳ ଅକ୍ଷୟ ଊର୍ଜ୍ଜା ଭବନରେ ସମବାୟ ନୀତି ୨୦୨୫ ଘୋଷଣା କରିବେ । ସମବାୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ନୂତନ ଜାତୀୟ ସମବାୟ ନୀତିକୁ ସହଯୋଗ ମାଧ୍ୟମରେ ସମୃଦ୍ଧି ଦୃଷ୍ଟିକୋଣ ସହିତ ପ୍ରସ୍ତୁତ କରାଯାଇଛି । ନୂତନ ନୀତି ତୃଣମୂଳ ସ୍ତରରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ସହ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ ବୋଲି ମନ୍ତ୍ରଣାଳୟ କୁହାଯାଇଛି ।

## ମନସୁଖ ମାଣ୍ଡବୀୟ

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଲୋକସଭାରେ ଜାତୀୟ କ୍ରୀଡ଼ା ବିଧେୟକ ଆଗତ କରିଛନ୍ତି । ଜାତୀୟ କ୍ରୀଡ଼ା ମହାସଂଘ ଗୁଡ଼ିକରେ ସ୍ୱଚ୍ଛତା ଓ ସଂସ୍କାର ଆଣିବା, ବିବାଦକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ଏହି ବିଧେୟକ ଆଗତ କରାଯାଇଛି । ବିଶେଷକରି କ୍ରିକେଟ୍ ବୋର୍ଡ ବିସିସିଆଇକୁ ସରକାରଙ୍କ ନୀରିକ୍ଷଣରେ ରଖିବା ଏବଂ ଏହାକୁ ସୂଚନା ଅଧିକାର ଆଇନ୍ ଅଧୀନକୁ ଆଣିବାର ବ୍ୟବସ୍ଥା ମଧ୍ୟ ଏହି ବିଧେୟକରେ ରହିଛି ।

# ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ଓଡ଼ିଶା ଓ ଛତିଶଗଡ ମଧ୍ୟରେ ଚାଲିଥିବା ମହାନଦୀ ଜଳ ବିବାଦର ସମାଧାନ ଆପୋଷ ଆଲୋଚନା ମାଧ୍ୟମରେ ହେବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି କେନ୍ଦ୍ର ଜଳ କମିଶନ ଏନେଇ ବୈଷୟିକ ସହଯୋଗ ପ୍ରଦାନ କରିପାରିବ । ସୂଚନାଯୋଗ୍ୟ ପୂର୍ବରୁ ଫେବୃୟାରୀ ମାସରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳସମ୍ପଦ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳଦିବସ ଅବସରରେ ଏ ସମ୍ପର୍କରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ।

# ଶିକ୍ଷାନୁଷ୍ଠାନ-ନିଶାମୁକ୍ତ

ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ପରିସରକୁ ନିଶାମୁକ୍ତ କରିବା ପାଇଁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ମାନସ ପୋର୍ଟାଲର ଆରମ୍ଭ କରାଯାଇଛି । ଏହି ପୋର୍ଟାଲ ମାଧ୍ୟମରେ ଶିକ୍ଷାନୁଷ୍ଠାନ ପରିସରରେ ନିଶାଦ୍ରବ୍ୟ ବ୍ୟବହାର ସମ୍ପର୍କରେ ଅଭିଯୋଗ ଦାଖଲ କରାଯାଇପାରିବ । ଏଥିସହ ଜାତୀୟ ସହାୟତା ନମ୍ବର ୧୯୩୩ ଏବଂ ମୋବାଇଲ ଆପ୍ ଉମଙ୍ଗ ମାଧ୍ୟମରେ ମଧ୍ୟ ଅଭିଯୋଗ ଦାଖଲ କରିହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

# କୁଳପତି ନିଯୁକ୍ତି ରଦ୍ଦ

ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତିକୁ କୁଳାଧିପତି ତଥା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ରଦ୍ଦ କରିଛନ୍ତି । ନୂତନ କୁଳପତି ନିଯୁକ୍ତି ନେଇ ନୂଆ ଅଧ୍ୟାଦେଶ ଅଣାଯିବ ବୋଲି ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ଜଣାଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି କୁଳପତି ନିଯୁକ୍ତି ବାବଦରେ ଯେକୌଣସି ନିଷ୍ପତ୍ତି ତଥା ନିଯୁକ୍ତି ଆଇନ୍‌ର ପ୍ରାବଧାନ ଅନୁସାରେ ହେବ ବୋଲି ସ୍ପଷ୍ଟ କରିଛନ୍ତି ।

# ଜଳସେଚନ

ରାଜ୍ୟର ୩୫ ପ୍ରତିଶତରୁ କମ୍ ଜଳସେଚନ କ୍ଷମତା ଥିବା ବ୍ଲକ ଗୁଡ଼ିକରେ ଅଧିକ ଜଳସେଚନ ପାଇଁ ପଦକ୍ଷେପ ନିଆଯାଇଛି । ଏଥିସହ ୯ଲକ୍ଷ ହେକ୍ଟର ଜମିରେ ନୂଆ ଜଳସେଚନ ସାମର୍ଥ୍ୟ ସୃଷ୍ଟିକରିବା ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଗୁରୁତ୍ୱାରୋପ କରିଛନ୍ତି । ଲୋକସେବା ଭବନରେ ଅନୁଷ୍ଠିତ ଓଡ଼ିଶା ଉଠା ଜଳସେଚନ ନିଗମ ଓଏଲ୍‌ଆଇସିର ବୈଠକରେ ୧୦ହଜାର ୩୮୦ଟି ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଏବଂ ୧ଲକ୍ଷ ୫୦ହଜାର ୫୦୦ଟି ବୋରୱେଲ କାର୍ଯ୍ୟକ୍ଷମ କରାଯିବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି ।

# ଚିତାଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହେବ। ଏହି ଗୁପ୍ତ ନୀତି ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ଣ ୨ଟା ୩୦ ଠାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# କର୍ମଶାଳା

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ ପକ୍ଷରୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବ୍ରହ୍ମପୁର ସହର ସମେତ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା ।

# ନୂତନ ଜିଲ୍ଲାପାଳ

କେନ୍ଦ୍ରାପଡ଼ାରେ ନୂତନ ଜିଲ୍ଲାପାଳ ଭାବେ ରଘୁରାମ ଆର୍ ଆୟର ଯୋଗ ଦେଇଛନ୍ତି । ପୂର୍ବରୁ ଶ୍ରୀ ଆୟର ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ ।

# ପାଣିପାଗ

ସାମୁଦ୍ରିକ ଝଡ଼ ଓ୍ୱିଫା ଘୂର୍ଣ୍ଣିବଳୟ ରୂପରେ ବଙ୍ଗୋପସାଗରରେ ପ୍ରବେଶ କରିଛି । ଏହାର ପ୍ରଭାବରେ ଆଜସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୭ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।